# ଅସହାୟ ପରିବାରକୁ ସହାୟତା



**ଖୋର୍ଦ୍ଧା,୧୪।୯/ଏନ୍‌ଏନ୍‌ଏସ୍‌:** ଦୁର୍ଘଟଣାର ଶିକାର ହୋଇ ଗୋଡ଼ହାତ ଅଚଳ ହୋଇପଡ଼ିଥିବା ଏବଂ ବାକ୍ ଶକ୍ତି ହରାଇଥିବା ଟାଙ୍ଗୀ ବ୍ଲକ୍ ଅଧିନସ୍ଥ ହରିପୁର ଗ୍ରାମର ସ୍ୱାଧୀନ ସାମନ୍ତରାୟଙ୍କ ପରିବାରକୁ ସୋମବାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୋର୍ସ ହୋପ୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ତେବେ ଦୁର୍ଘଟଣା ପରେ ସ୍ୱାଧୀନ ବହୁତ କଷ୍ଟରେ ଠିଆ ହେଉଛନ୍ତି ସେ ପୁଣି ଗୋଟିଏ ସ୍ଥାନରେ । ସେ ତାଙ୍କ ପରିବାରର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାବେଳେ ଦୁର୍ଘଟଣା ଯୋଗୁଁ ସେ ସବୁ କିଛି ହରାଇ ବସିଛନ୍ତି । କରୋନା ମହାମାରୀ ଏବଂ ବନ୍ୟା ଯୋଗୁଁ ଭୋକ ଉପାସରେ ଦିନ କାଟୁଛନ୍ତି ସ୍ୱାଧୀନଙ୍କ ପରିବାର । ତେବେ ଏ ଖବର ଅନୁଷ୍ଠାନର ଟାଙ୍ଗୀ ବ୍ଲକ୍ ସଂଯୋଜକ ଜ୍ଞାନ ରଞ୍ଜନ ଦାସ ପାଇବା ପରେ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ରୀନାରାଣୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାଧୀନଙ୍କ ପରିବାରକୁ ରାସନ ସାମଗ୍ରୀ ଏବଂ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି ।

ଏଥିସହିତ ତାଙ୍କୁ ସମସ୍ତ ଚିକିତ୍ସା ସହାୟତା ଟ୍ରଷ୍ଟ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷା ରୀନାରାଣୀ ନାୟକ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୀମାଞ୍ଚଳ ସ୍ୱାଇଁ, ସଂଗ୍ରାମ ରଣା, ସନ୍ତୋଷ ନାୟକ, ଅନୁଭବ ନାୟକ, ସୁଜାତା, ମୁନା ବେହେରା ଏବଂ ଅନ୍ୟ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ ।